ଧରିତ୍ରୀ
DHARITRI
ବୁଧବାର, ୨୩ ଜୁନ୍, ୨୦୨୧



## ଶ୍ରମ କାର୍ଯ୍ୟାଳୟ ନିକଟ ଗ୍ୟାରେଜରୁ ଶିଶୁ ଶ୍ରମିକ ଉଦ୍ଧାର

ବ୍ରହ୍ମପୁର ଅଫିସ: ବ୍ରହ୍ମପୁର ଶ୍ରମ କାର୍ଯ୍ୟାଳୟ ନିକଟ ଏକ ଗ୍ୟାରେଜରେ ଦୀର୍ଘଦିନ ହେଲା କାମ କରୁଥିବା ଏକ ଶିଶୁ ଶ୍ରମିକକୁ ମଙ୍ଗଳବାର ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁଟିକୁ ଶିଶୁ ମଙ୍ଗଳ ସମିତି ଚାଇଲଡ୍ ଲାଇନରେ ହାଜର କରିଛି। ସମ୍ପୃକ୍ତ ଗ୍ୟାରେଜ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରମ ଅଧିକାରୀଙ୍କୁ କୁହାଯାଇଥିବା ସୂଚନା ମିଳିଛି। ଗ୍ୟାରେଜରେ ଶିଶୁ ଶ୍ରମିକ କାମ କରୁଥିବା ନେଇ ଚାଇଲଡ୍ ଲାଇନକୁ ଖବର ମିଳିଥିଲା। ସହକାରୀ ଶ୍ରମ ଅଧିକାରୀ ବର୍ଷାରାଣୀ ଜେନା, ଚାଇଲଡ୍ ଲାଇନ କେନ୍ଦ୍ର ସଂଯୋଜକ ସାଇ ପ୍ରସାଦ ସାମଲ ପ୍ରମୁଖ ଟାଉନ ଥାନା ପୋଲିସକୁ ନେଇ ଗଠିତ ଏକ ଟିମ୍ କରି ଶିଶୁଟିକୁ ଉଦ୍ଧାର କରିଥିଲେ।

## ସଂକ୍ଷେପରେ

### ନାବାଳକଙ୍କୁ କେରଳ ନେବାକୁ ମନା କରିବାରୁ ଗଣ୍ଡଗୋଳ ସରପଞ୍ଚଙ୍କୁ ମାଡ଼ ଅଭିଯୋଗ

**ବାଲିଗୁଡ଼ା,୨୨।୬(ଡି.ଏନ.ଏ.):** ନାବାଳକଙ୍କୁ ଦାଦନ ଶ୍ରମିକ ଭାବେ ଖଟାଇବା ପାଇଁ କେରଳ ନେବାକୁ ବିରୋଧ କରିବାରୁ କ.ନୂଆଗାଁ ବ୍ଲକ ଚାଙ୍ଗେଡ଼ି ସରପଞ୍ଚ ରାଜକିଶୋର ପ୍ରଧାନଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ସରପଞ୍ଚଙ୍କ ଏତଲା କ୍ରମେ ସାରଙ୍ଗଡ଼ ଥାନା ପୋଲିସ ନଂ. ୫୧/୨୧ରେ ଏକ ମାମଲା ରୁଜୁ କରି ୩ ଜଣ ବସ୍ କର୍ମଚାରୀଙ୍କୁ ଅଟକ ରଖିଛି। ପ୍ରକାଶ ଯେ, କେରଳରୁ ଏକ ବସ୍ ଆସି ରାଇକିଆ, କ.ନୂଆଗାଁ, ବାଲିଗୁଡ଼ା, ଦାରିଙ୍ଗବାଡ଼ି ଆଦି ଅଞ୍ଚଳରୁ ଦାଦନ ଶ୍ରମିକ ନେବାକୁ ପ୍ରସ୍ତୁତ ହେଉଥିଲା। ଚାଙ୍ଗେଡ଼ି ପଞ୍ଚାୟତର ସଲାଙ୍ଗିଆ ନିକଟରେ ନାବାଳକମାନଙ୍କୁ ଦାଦନ ଖଟାଇବାକୁ ନେଉଥିବା ଜାଣି ଚାଙ୍ଗେଡ଼ି ସରପଞ୍ଚ ବିରୋଧ କରିଥିଲେ। ଏଥିରେ ବସ୍ କର୍ମଚାରୀ ରାଗିଯାଇ ସରପଞ୍ଚଙ୍କୁ ଗାଡ଼ିକୁ ନେଇ ମାଡ଼ ମାରିଥିଲେ। ୭ କି.ମି. ଯିବାପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ବସ୍ କର୍ମଚାରୀଙ୍କ କବଳରୁ ସରପଞ୍ଚଙ୍କୁ ଉଦ୍ଧାର କରାଯାଇଥିଲା। ପୋଲିସ ବସ୍‌କୁ ଜବତ କରିଛି।

### ଗୁପ୍ତାଙ୍ଗ କାଟି ଯୁବକ ଗୁରୁତର

**ପାତ୍ରପୁର,୨୨।୬(ଡି.ଏନ.ଏ.):** ଜରଡ଼ା ଥାନା ଖାରିଆଗୁଡ଼ା ଫାଣ୍ଡି ପୁହୁଣ୍ଡି ଗ୍ରାମରେ ମଙ୍ଗଳବାର ଜଣେ ୪୫ ବର୍ଷୀୟ ଯୁବକ ଆତ୍ମହତ୍ୟା କରିବା ଲାଗି ନିଜର ଗୁପ୍ତାଙ୍ଗ କାଟି ଗୁରୁତର ହୋଇଛନ୍ତି। ଉକ୍ତ ଯୁବକଙ୍କ ପରିବାର କହିଲେ ସ୍ତ୍ରୀ, ଦୁଇ ପୁଅ ଓ ଗୋଟିଏ ଝିଅ। ସେମାନେ ପାଖରେ ରହୁନାହାନ୍ତି। ସମ୍ପୃକ୍ତ ଯୁବକ ଏକାକୀ ରହୁଥିଲେ। କୌଣସି କାରଣରୁ ସେ ଆତ୍ମହତ୍ୟା କରିବା ଲାଗି ଏକ ଧାରୁଆ ଅସ୍ତ୍ରରେ ନିଜର ଗୁପ୍ତାଙ୍ଗ କାଟି ଦେଇଥିଲେ। ଚିତ୍କାର ଶୁଣି ସାହି ପଡ଼ୋଶୀ ତାଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

### ଭାଜପା କର୍ମକର୍ତ୍ତା ଘୋଷଣା

**ଆସିକା,୨୨।୬(ଡି.ଏନ୍.ଏ.):** ଘୁମୁସର ଜିଲା ଭାଜପା ପକ୍ଷରୁ ଦଳୀୟ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ବିଭିନ୍ନ ମୋର୍ଚ୍ଚା ଲାଗି ପ୍ରଭାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଯୁବମୋର୍ଚ୍ଚା ପ୍ରଭାରୀ ଭାବେ ବିନାୟକ ତ୍ରିପାଠୀ, ମହିଳା ମୋର୍ଚ୍ଚା ଲାଗି ଜୟନ୍ତୀ ପଢ଼ିଆରୀ, କୃଷକ ମୋର୍ଚ୍ଚାର ପ୍ରଦୀପ କୁମାର ସାହୁ, ଓବିସି ମୋର୍ଚ୍ଚା ପାଇଁ ଦୁର୍ଗାଚରଣ ପଟ୍ଟନାୟକ, ସଂଖ୍ୟାଲଘୁ ମୋର୍ଚ୍ଚାର ଆବାସ ଅଲ୍ଲି ଖାଁ, ଅନୁସୂଚିତ ଜାତି ମୋର୍ଚ୍ଚା ଲାଗି ଗଦାଧର ସ୍ୱାଇଁ ଓ ଅନୁସୂଚିତ ଜନଜାତିର ପ୍ରଭାରୀ ରୂପେ ମାଧବ ଗୌଡଙ୍କୁ ନିଯୁକ୍ତି ଦିଆଯାଇଛି। ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକ ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି। ନୂଆ ପ୍ରଭାରୀମାନେ ସଂପୃକ୍ତ ଜିଲା ମୋର୍ଚ୍ଚା ସଭାପତି ନିର୍ବାଚନ ମଣ୍ଡଳୀ ନେତା ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ୧୦ ଦିନ ମଧ୍ୟରେ ଜିଲା କମିଟି ଗଠନ କରି ତାଲିକା ଦାଖଲ ଲାଗି ଅନୁରୋଧ କରାଯାଇଛି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ଫୁଲବାଣୀ ଅଫିସ, ୨୨।୬:** ଟିକାବାଲି ବ୍ଲକ ସାରଙ୍ଗଗଡ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ଗୁଟିଙ୍ଗିଆ ଗ୍ରାମର ରୁପାନ୍ତ ଦେହୁରୀ। ନାବାଳିକା ଜଣକ ପରିବାର ସହ ପିଉସୀ ଘରକୁ ଭୋଜି ଖାଇବାକୁ ଆସିଥିଲେ। ଗତ ୧୮ ତାରିଖ ରାତିରେ ରୁପାନ୍ତ ତାଙ୍କୁ ଘର ପାଖରୁ ଜୋର୍ ଜବରଦସ୍ତ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ୨୦ ତାରିଖ ସକାଳେ ନାବାଳିକା ଘରକୁ ଆସି ଘଟଣା ସମ୍ପର୍କରେ କହିବା ପରେ ବାପା ଥାନାରେ ଅଭିଯୋଗ କରିଥିଲେ। ନାବାଳିକାଙ୍କୁ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ନଂ.୪୯/୨୧ରେ ମାମଲା ରୁଜୁ ହୋଇଛି।

### ଟ୍ରାକ୍ଟର ଧକ୍କାରେ ଶିଶୁ ମୃତ

**ଫୁଲବାଣୀ ଅଫିସ, ୨୨।୬:** ଟିକାବାଲି ବ୍ଲକ ପାବୁରିଆ ପଞ୍ଚାୟତ ଡାମିଗୁଡା ଗ୍ରାମରେ ମଙ୍ଗଳବାର ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁ ୫ ବର୍ଷର ଏକ ଶିଶୁର ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇ ଚାଳକ ଫେରାର ହୋଇଯାଇଛନ୍ତି। ଡାମିଗୁଡାର ସୁବାସ ପ୍ରଧାନଙ୍କ ବଡପୁଅ ସୋହନ ତାଙ୍କ ଜେଜେମାଙ୍କ ସହ ରାସ୍ତା ପାର୍ଶ୍ୱରେ ଥିବା ଏକ ନଳକୂପରେ ଗାଧୋଉଥିଲେ। ଏହି ସମୟରେ ତଳଡାମିଗୁଡାଠାରୁ ଇଟା ବୋଝେଇ ଏକ ଟ୍ରାକ୍ଟର ଦ୍ରୁତ ଗତିରେ ଆସି ଭାରସାମ୍ୟ ହରାଇବାରୁ ତାହା ନଳକୂପ ପାଖରେ ଓଲଟି ପଡ଼ିଥିଲା। ସୋହନ ଏଥିରେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ସେଠାରୁ ମେଡିକାଲ ନିଆଯାଇଥିଲା। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ।

# ୫୨ ବର୍ଷରେ ୨୩ ଆଇଏଏସ୍ ଅଫିସର ପ୍ରଶାସକ

- ସରକାରଙ୍କ ନିୟନ୍ତ୍ରଣରେ ସ୍ୱାୟତ୍ତ ଶାସନ ସଂସ୍ଥା
- ଗଞ୍ଜାମ ଜିଲାରେ ୧୮ ସହରାଞ୍ଚଳ
- ପୌର ନିର୍ବାଚନ ଘୋଷଣା ଦାବି

**ବ୍ରହ୍ମପୁର ଅଫିସ,୨୨।୬**

ପୌର ନିର୍ବାଚନ ବିଳମ୍ବ ଯୋଗୁ ପୂର୍ବତନ କାଉନସିଲର ଓ କର୍ପୋରେଟର ଏବଂ ବିଭିନ୍ନ ମହଲରେ ଅସନ୍ତୋଷ ଦେଖା ଦେଇଛି। ଗଞ୍ଜାମ ଜିଲାରେ ବ୍ରହ୍ମପୁର ମହାନଗର ନିଗମ ସମେତ ୧୮ ସହରାଞ୍ଚଳ ଅଛି। ୨୦୧୩ ପୌର ନିର୍ବାଚନରେ ସମସ୍ତ ପୌର ସଂସ୍ଥାର ନିର୍ବାଚିତ ପରିଷଦର ୫ ବର୍ଷିଆ କାର୍ଯ୍ୟକାଳ ୨୦୧୮ ସେପ୍ଟେମ୍ବର ୩୦ରେ ସରିଛି। ସେହି ବର୍ଷ ଅକ୍ଟୋବରରୁ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ସରକାରଙ୍କ ନିୟନ୍ତ୍ରଣକୁ ଯାଇଛି। ମହାନଗର ନିଗମରେ ଜିଲାପାଳ ଏବଂ ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଓ ଅନ୍ୟ ଏନ୍ଏସିରେ ଉପଜିଲାପାଳ ଓ ଅଫିସରମାନେ ପ୍ରଶାସକ ଭାବେ ଅବସ୍ଥାପିତ ହୋଇଛନ୍ତି। ଦୀର୍ଘ ୨ ବର୍ଷ ୧୦ ମାସ ହେବ ସରକାରୀ ପରିଚାଳନାରେ ଥିବାରୁ ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଇଥିବା ସମାଲୋଚନା କରାଯାଉଛି। ତୁରନ୍ତ ନିର୍ବାଚନ କରାଯିବାକୁ ଦାବି ହୋଇଛି।

୧୮୬୭ରେ ବ୍ରହ୍ମପୁର ପୌର ସଂସ୍ଥା ଗଠନ ହୋଇଥିଲା। ୧୫୪ ବର୍ଷର ଏହି ସ୍ୱାୟତ୍ତ ଶାସନ ସଂସ୍ଥା ୨୦୦୯ ଆରମ୍ଭରୁ ମହାନଗର ନିଗମ ମାନ୍ୟତା ପାଇଛି। ଅତୀତ ୮୨ ବର୍ଷର ପୁରୁଣା ତଥ୍ୟ ନିଗମରେ ନ ଥିଲେ ମଧ୍ୟ ୧୯୪୯ରୁ ୨୦୦୧ ୫୨ ମଧ୍ୟରେ ବ୍ରହ୍ମପୁର ପୌର ସଂସ୍ଥାରେ ୨୩ ଆଇଏଏସ୍ ଅଫିସର ତଥା ଜିଲାପାଳମାନେ ନଗରପାଳଙ୍କ ସ୍ଥାନରେ ପ୍ରଶାସକ ଭାବେ ଦାୟିତ୍ୱ ତୁଲାଇଥିବା ରେକର୍ଡ ରହିଛି। ୨୦୧୮ ଅକ୍ଟୋବରରୁ ନିଗମରେ ଜିଲାପାଳ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଅପରପକ୍ଷରେ ୧୯୯୭ ପୌର ନିର୍ବାଚନ ପର୍ଯ୍ୟନ୍ତ ଏହି ସ୍ୱାୟତ୍ତ ଶାସନ ସଂସ୍ଥା କଂଗ୍ରେସ ଦଖଲରେ ଥିଲା। ୨୦୦୩, ୨୦୦୮ ଓ ୨୦୧୩ ନିର୍ବାଚନରେ ବିଜେଡି ବାଜିମାତ କରିଛି।

ଅଢ଼େଇ ବର୍ଷ ବିତିବା ପରେ ବି ନିଗମର ନିର୍ବାଚନ ହେଉ ନ ଥିବାରୁ କର୍ପୋରେଟର ଓ ମେୟର ପଦ ପାଇଁ ଆଶାୟୀ ବିଜେଡି ନେତା ଓ କର୍ମୀ ନିରାଶ ହୋଇଛନ୍ତି। ନାନା ଆଶଙ୍କାରେ ପୌର ନିର୍ବାଚନ ପାଇଁ ସରକାର ଡରୁଥିବା ବିରୋଧୀ କଂଗ୍ରେସ, ଭାଜପା ଓ ବାମପନ୍ଥୀ ନେତାମାନେ ସମାଲୋଚନା କରୁଛନ୍ତି। ସୂତ୍ରରୁ ଜଣାପଡ଼ିଛି ଓବିସି ଓ ଅନ୍ୟ ଜାତି ପାଇଁ ସଂରକ୍ଷଣ ବ୍ୟବସ୍ଥା ୫୦% ମଧ୍ୟରେ ରଖାଯିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିବାରୁ ସମସ୍ୟା ଦେଖାଦେଇଛି। ତେଣୁ ୱାର୍ଡଗୁଡ଼ିକର ସୀମା ନିର୍ଦ୍ଧାରଣ ଓ ପୁନର୍ଗଠନ ପ୍ରକ୍ରିୟା ଚାଲିଥିବାରୁ ନିର୍ବାଚନ ପାଇଁ ପ୍ରତିବନ୍ଧକ ଦେଖାଦେଇଥିବା ଜଣାପଡ଼ିଛି। କରୋନା ପରେ ନିର୍ବାଚନ ପାଇଁ ସରକାର ପଦକ୍ଷେପ ନେବେ ବୋଲି ଯୋଗାଯୋଗ ବେଳେ ଏମ୍‌ପି ଚନ୍ଦ୍ରଶେଖର ସାହୁ ସୂଚାଇଛନ୍ତି।

# ବିମାନ ବନ୍ଦର ଦାବିରେ ଜନ ଆନ୍ଦୋଳନ ନିଷ୍ପତ୍ତି

## ଓଡ଼ିଶା ଡେଭଲପ୍‌ମେଣ୍ଟ୍ ଫୋରମ୍‌ର ପ୍ରସ୍ତୁତି ବୈଠକ



**ବ୍ରହ୍ମପୁର ଅଫିସ୍,୨୨।୬**

ବ୍ରହ୍ମପୁରରେ ବିମାନବନ୍ଦର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତିକୁ ନେଇ ବ୍ୟାପକ ଜନଅସନ୍ତୋଷ ଦେଖାଦେଇଛି। ଏହା ବିରୋଧରେ ଆଗାମୀ ଦିନରେ ହେବାକୁ ଥିବା ଜନଆନ୍ଦୋଳନ ପାଇଁ ଓଡ଼ିଶା ଡେଭଲପ୍‌ମେଣ୍ଟ ଫୋରମ୍ ପକ୍ଷରୁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର, ପୁରୀ ଏବଂ ପଶ୍ଚିମ ଓଡ଼ିଶାରେ ବିମାନ ବନ୍ଦର ପ୍ରତିଷ୍ଠା କରାଯାଉଥିବା ବେଳେ ବ୍ରହ୍ମପୁରରେ ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ନେଇ ଫୋରମ୍ ପକ୍ଷରୁ ଅସନ୍ତୋଷ ଜାହିର୍ କରାଯାଇଥିଲା। ବୈଠକରେ ବହୁ ବୁଦ୍ଧିଜୀବୀ ଯୋଗଦେଇ ଜଗନ୍ନାଥଙ୍କ ନାମରେ ବିମାନ ବନ୍ଦର ନାମକରଣ ନେଇ ନିଷ୍ପତ୍ତି ନିଆଯାଇଥିବା ବେଳେ ଭୁବନେଶ୍ୱର ବିମାନବନ୍ଦର ନାମ ମଧ୍ୟ ପରିବର୍ତ୍ତନ କରାଯିବା ପାଇଁ ଦାବି ହୋଇଥିଲା। ମୁଖ୍ୟମନ୍ତ୍ରୀ ଗଞ୍ଜାମର ଜନପ୍ରତିନିଧି। କିନ୍ତୁ ଜିଲା ପାଇଁ ଗୋଟିଏ ବି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରି ନ ଥିବା ନେଇ ଫୋରମ୍ ସଭାପତି ରାମ ପ୍ରସାଦ ତ୍ରିପାଠୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଅବସରରେ ବ୍ରହ୍ମପୁରରେ ବିମାନବନ୍ଦର କେବେ? ଓ ଏୟାର୍‌ପୋର୍ଟ ଫର୍ ବ୍ରହ୍ମପୁର ହାସ୍‌ଟ୍ୟାଗ୍ ବ୍ୟବହାର ସୋସିଆଲ୍ ମିଡିଆ ମାଧ୍ୟମରେ କ୍ୟାମ୍ପେନିଂ ଆରମ୍ଭ କରାଯାଇଥିଲା।

# ତାଲାବନ୍ଦ ଟିକାକେନ୍ଦ୍ର ଆଗରେ ହୋହଲ୍ଲା



ଟିକା କେନ୍ଦ୍ର ଆଗରେ ଲୋକଙ୍କ ହୋହାଲ୍ଲା ଓ ରାସ୍ତାରୋକୋ।

**ବୁଗୁଡ଼ା,୨୨।୬(ଡି.ଏନ.ଏ.)**

ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ମଙ୍ଗଳବାର ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପଠାରେ ହୋଇଥିବା ଟିକା କେନ୍ଦ୍ରର ବନ୍ଦ ଫାଟକ ସମ୍ମୁଖରେ ଟିକାକରଣ ପାଇଁ ଅନ୍‌ଲାଇନରେ ପଞ୍ଜୀକରଣ କରିଥିବା ଲୋକ ହୋହଲ୍ଲା କରିଛନ୍ତି। ଏଥିସହ ବୁଗୁଡ଼ା-ପୋଲସରା ମୁଖ୍ୟ ସଡ଼କକୁ ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳରେ ବାଧା ଉପୁଜିଥିଲା। ମଙ୍ଗଳବାର ବୁଗୁଡ଼ା ଥାନା ଏବଂ ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପ ଆଦି ଦୁଇଟି କେନ୍ଦ୍ରରେ ସକାଳ ୯ରୁ ଅପରାହ୍ନ ୪ଟା ମଧ୍ୟରେ ଟିକାକରଣ ପାଇଁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଉଭୟ କେନ୍ଦ୍ରକୁ ସକାଳ ୯ଟା ପୂର୍ବରୁ ଟିକା ନେବା ପାଇଁ ଯୁବବର୍ଗଙ୍କ ସୁଅ ଛୁଟିଥିଲା ବେଳେ ଯଥା ସମୟରେ ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ଟିକା ଧରି ଉଭୟ କେନ୍ଦ୍ରରେ ପହଞ୍ଚିଥିଲେ। ତେବେ ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପର ମୁଖ୍ୟ ଫାଟକରେ ତାଲା ଝୁଲୁଥିବାରୁ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଶତାଧିକ ଲୋକ ଫାଟକ ସମ୍ମୁଖରେ ସାଢେ ଦଶଟା ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ସେମାନେ ଉତକ୍ଷିପ୍ତ ହୋଇ ଉଠିଥିଲେ। ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ମଧ୍ୟ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ୧୧ଟା ବେଳକୁ ବାଲିପିଣ୍ଡି ସାହି ସ୍ଥିତ ଏନ୍ଏସି କଲ୍ୟାଣ ମଣ୍ଡପକୁ ଟିକାଦାନ କେନ୍ଦ୍ର ସ୍ଥାନାନ୍ତରିତ ହୋଇଥିବା ନେଇ ସୂଚନା ଦିଆଯାଇଥିଲା। ସମସ୍ତ ଲୋକ ଅସନ୍ତୋଷ ବ୍ୟକ୍ତକରି ଏନ୍ଏସି କଲ୍ୟାଣ ମଣ୍ଡପକୁ ଯାଇ ସେଠାରେ ଟିକା ଗ୍ରହଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର ଚିରାକୁ ବିଜେଡିର ନିନ୍ଦା

**ବ୍ରହ୍ମପୁର ଅଫିସ,୨୨।୬**

ବ୍ରହ୍ମପୁର ସରକାରୀ ବାଳିକା ବିଦ୍ୟାଳୟରେ ମଙ୍ଗଳବାର କୋଭିଡ୍ ଟିକାଗ୍ରହଣ କେନ୍ଦ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୋଷ୍ଟର ଭାଜପା କର୍ମୀମାନେ ଚିରିବା ଘଟଣାକୁ ଗଞ୍ଜାମ ଜିଲା ବିଜେଡି ତୀବ୍ର ନିନ୍ଦା କରିଛି। ଏହା ଘୃଣ୍ୟ କାର୍ଯ୍ୟ ହୋଇଥିବା ସମାଲୋଚନା କରାଯାଇଛି। ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ବଢ଼ି ଚାଲିଥିବାରୁ ଅସହିଷ୍ଣୁ ମନୋଭାବ ନେଇ ଏହି ଜିଲାରେ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାତ ହୋଇଥିବା ଭାଜପା ଔଷଧ ବିକଳରେ ତାଟିଆ କାମୁଡ଼ିବା ନ୍ୟାୟରେ କାଣ୍ଡ ଘଟାଇଥିବାରୁ ଲୋକେ କ୍ଷମା ନ ଦେବାର କୁହାଯାଇଛି। ଏହାକୁ ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ରାଜ୍ୟ ବିଜେଡି ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା ଓ ସଂଘମିତ୍ରା ଦଳାଇ ପ୍ରମୁଖ ନିନ୍ଦା କରିଛନ୍ତି।

# ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ବହିଷ୍କୃତ

## ମହଙ୍ଗା ପଡ଼ିଲା ୨ ସରକାରୀ ଚାକିରି

**ଦିଗପହଣ୍ଡି,୨୨।୬(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବମୋକେଇ ଗ୍ରାମ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସ୍ଥାପିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ଅଧୀନରେ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଉମେଶ ଚନ୍ଦ୍ର ସାବତଙ୍କୁ ବୁଧବାର ଚାକିରିରୁ ବହିଷ୍କୃତ କରାଯାଇଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅନୁମୋଦନ କ୍ରମେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଉମାଶଙ୍କର ମିଶ୍ର କାର୍ଯ୍ୟାଳୟ ଆଦେଶ ଚିଠି ନଂ.୯୩୧୯ ତା ୨୨-୬-୨୧ ଅନୁଯାୟୀ ଦିଗପହଣ୍ଡି ବ୍ଲକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ (ବିପିଏମ)ଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି। ପ୍ରକାଶ ଯେ, ଉମେଶ ୨୦୨୦ ଜୁନ ୮ରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟ ଚିଠି ନଂ.୯୯୫୦ ଅନୁଯାୟୀ ଜାତୀୟ ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ଅଧୀନରେ ଦିଗପହଣ୍ଡି ବ୍ଲକ ବମୋକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିପିଏମ ଭାବେ ଚାକିରି କରୁଥିଲେ। ଏଥିସହ ୨୦୨୦ ଜୁନ ୧୧ରୁ ବ୍ରହ୍ମପୁର ସ୍ଥିତ ସତନ୍ତ୍ର ପର୍ଯ୍ୟବେକ୍ଷଣ ଗୃହରେ ଶିଶୁ ମଙ୍ଗଳ ଅଧିକାରୀ ଭାବେ ଏକକାଳୀନ ଚାକିରି କରି ଦରମା ଟଙ୍କା ଉଠାଣ କରୁଥିବା ପ୍ରମାଣ ମିଳିବା ପରେ ତାଙ୍କୁ ଉଭୟ ଚାକିରିରୁ ବହିଷ୍କୃତ କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି।

# ଗୁହାଳ ବାଡ଼ବୁଜାକୁ ନେଇ ବୃଦ୍ଧଙ୍କୁ ହତ୍ୟା

**ଜଗନ୍ନାଥପ୍ରସାଦ/ଭଞ୍ଜନଗର, ୨୨।୬(ଡି.ଏନ.ଏ.)**

ଜଗନ୍ନାଥପ୍ରସାଦ ବ୍ଲକ ତାରାସିଂ ଥାନା ଶାଲୁଆପଲି ଗ୍ରାମରେ ଗୁହାଳ ବାଡ ବୁଜାକୁ ନେଇ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଗ୍ରାମର ଜଗନ୍ନାଥ ବେହେରା (୭୨)ଙ୍କ ମୃତ୍ୟୁ ଘଟିଛି। ଏ ନେଇ ମଙ୍ଗଳବାର ତାରାସିଂ ପୋଲିସ ନଂ. ୧୪୯/୨୧ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗିରଫ ଭୟରେ ଅଭିଯୁକ୍ତଙ୍କ ପରିବାର ଲୋକେ ଫେରାର୍ ହୋଇଯାଇଛନ୍ତି।

ଜଗନ୍ନାଥ ଓ ତାଙ୍କ ପଡ଼ୋଶୀ ବାବୁଲି ଗୌଡ଼ଙ୍କ ପରିବାର ମଧ୍ୟରେ ଜମି ବିବାଦ ଲାଗି ରହିଥିଲା। ବାବୁଲି ନିଜ ଜାଗାରେ ଗୁହାଳ କରିବା ସହ ଜଗନ୍ନାଥଙ୍କ ଜାଗାକୁ କବ୍‌ଜା କରି ବାଡ଼ ବୁଜୁଥିଲେ। ଏହାକୁ ଜଗନ୍ନାଥ ବିରୋଧ କରିବାରୁ ଦୁଇ ପରିବାର ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ଲାଗି ରହିଥିଲା। ଏହି କଥାକୁ ନେଇ ଗତ ୨୦ ରାତିରେ ଗ୍ରାମରେ ଥିବା ଏକ କୂଅ ଚାନ୍ଦିନୀ ଉପରେ ଜଗନ୍ନାଥ ବସିଥିବା ବେଳେ ବାବୁଲି, ତାଙ୍କ ସାନଭାଇ ସିନି ଓ ତାଙ୍କ ଦୁଇ ଭଣଜା ରବି ଓ ରଞ୍ଜିତ ପହଞ୍ଚି ଠେଙ୍ଗାରେ ଆକ୍ରମଣ କରିଥିଲେ। ଗଜନ୍ନାଥଙ୍କ ପୁଅ ସନ୍ନ୍ୟାସୀ ପହଞ୍ଚିବାରୁ ତାଙ୍କୁ ମଧ୍ୟ ପିଟିଥିଲେ। ଗୁରୁତର ବାପ ପୁଅଙ୍କୁ ଜଗନ୍ନାଥପ୍ରସାଦ ଓ ପରେ ଭୁବନେଶ୍ୱର ମେଡିକାଲକୁ ପଠାଯାଇଥିଲା। ସେଠାରେ ରବିବାର ମଧ୍ୟରାତିରେ ଜଗନ୍ନାଥଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ଦେଇ ମୃତଦେହ ବ୍ୟବଚ୍ଛେଦ ପରେ ୨୧ ତାରିଖରେ ଗ୍ରାମରେ ସତ୍କାର କରାଯାଇଥିଲା। ମଙ୍ଗଳବାର ଏ ନେଇ ତାରାସିଂ ଥାନାରେ ଅଭିଯୋଗ ହୋଇଥିଲା।

## ନଦୀପଠାରୁ ମୁଣ୍ଡବିହୀନ ମୃତଦେହ ଜବତ

**ସୋରଡ଼ା,୨୨।୬(ଡି.ଏନ୍.ଏ.)**

ସୋରଡ଼ା ବ୍ଲକ ନୂଆଁଗଡ଼ ନିକଟ ନଦୀପଠାରୁ ମଙ୍ଗଳବାର ଏକ ମୁଣ୍ଡବିହୀନ ବ୍ୟକ୍ତିଙ୍କ ପଚାଶଢ଼ା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ନୂଆଗଡ଼ ନିକଟ ଗୁଡିଢେପ ଗ୍ରାମର ଅରକ୍ଷିତ ନାୟକଙ୍କ ପୁଅ ଭଗିଆ। ଭଗିଆ ଦିନ ମଜୁରିଆ ଭାବେ କାମ କରୁଥିଲେ। ସବୁବେଳେ ତାଙ୍କର ସ୍ତ୍ରୀଙ୍କ ସହ ଝଗଡ଼ା ହେଉଥିଲା। ଏଥିପାଇଁ ଝିଲି ନାୟକ ଘର ଛାଡି ୭ ମାସ ହେଲା ନିକଟ ପୁଷ୍ପନଗରରେ ରହୁଛନ୍ତି। ମଙ୍ଗଳବାର ଉକ୍ତ ସ୍ଥାନରେ ଭଗିଆଙ୍କ ମୃତଦେହ ପଡ଼ିଥିବା ଖବର ପାଇ ସୋରଡ଼ା ଆଇଆଇସି ରମେଶ କୁମାର ପ୍ରଧାନଙ୍କ ସମେତ ପାଟପୁର, ଧରାକୋଟ, ଶେରଗଡ଼ ଓ ଆସିକା ଏସ୍‌ଡିପିଓ ପ୍ରମୁଖ ପହଞ୍ଚି ଥିଲେ। ମୃତକଙ୍କ ଭାଇ ବିଦେଶୀର ଏତଲା କ୍ରମେ ନଂ.୨୦୦ /୨୧ରେ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି । ୪ ଦିନ ହେଲା ଭଗିଆଙ୍କ ମୁଣ୍ଡ କାଟି କେହି ହତ୍ୟା କରି ଫିଙ୍ଗି ଦେଇଥିବା ପୋଲିସ ସନ୍ଦେହ କରୁଛି।

# ୧୦ କୋର୍ଟଚାଲାଣ, ସୁଧାର ଗୃହ ଗଲେ ନାବାଳକ

## ସଂଘବଦ୍ଧ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟଣା

**ପୋଲସରା,୨୨।୬(ଡି.ଏନ.ଏ.)**

ପୋଲସରା ଥାନା ରାଇମାଳି ଠାକୁରାଣୀ ପୀଠ ପରିସରରେ ରବିବାର ସଂଘବଦ୍ଧ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଓ ୨ଜଣ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ ମଙ୍ଗଳବାର ମାମଲା ନଂ ୨୦୯/୨୧ ପ୍ରକାରେ ୧୦ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅନ୍ୟ ଜଣେ ନାବାଳକଙ୍କୁ ବ୍ରହ୍ମପୁରସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପୋଲସରା ନିଗମ ନଗରର ଗୁଡୁ ପ୍ରଧାନ ଓରଫ ରାକେଶ, କୃଷ୍ଣଚନ୍ଦ୍ର ବେହେରା, ସୁନୀଲ ରାଉତ, ସୁରଜ ସାହୁ ଓରଫ ଟେଟ୍ରୁ, ତପନ ପ୍ରଧାନ, ଆଲୋକ କୁମାର ସାହୁ ଓରଫ ଅଜିତ, ଅମିତ କୁମାର ସାହୁ, ଚିଆପଡା ଗ୍ରାମର ଭଗବାନ ସାହୁ, କଳମ୍ବ ସାହିର ମୁନା ପ୍ରଧାନ ଓ ବନ୍ଧପଲିର ସୁମନ କୁମାର ନାୟକ। ସେମାନଙ୍କଠାରୁ ପୋଲିସ ଦୁଇଟି ବାଉଁଶ ମୁଳି, ଅଟୋ, ଦୁଇଟି ବାଇକ ଜବତ କରିଛି।

# ବଜ୍ରପାତରେ ଟ୍ରାନ୍ସଫର୍ମର ଫାଟିଗଲା

**ଭଞ୍ଜନଗର,୨୨।୬(ଡି.ଏନ.ଏ.)**

ଭଞ୍ଜନଗର ବ୍ଲକ ଉହ ସେକ୍ସନ ସାନକୋଦଣ୍ଡା ଗ୍ରାମରେ ଥିବା ଟ୍ରାନ୍ସଫର୍ମର ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ହେବାରୁ ଫାଟିଯାଇଛି। ଫଳରେ ସମ୍ପୃକ୍ତ ଅଞ୍ଚଳରେ କିଛି ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା । ସେଠାକାର ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ୍ ସେବାକୁ ସ୍ୱାଭାବିକ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ସନ୍ଧ୍ୟା ସୁଦ୍ଧା କିଛି ଗ୍ରାମକୁ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଛି। ସାନକୋଦଣ୍ଡା ଗ୍ରାମକୁ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରିନାହିଁ। ନୂତନ ଟ୍ରାନ୍ସଫର୍ମ ବସାଇବା ପ୍ରକ୍ରିୟା ଚାଲିଛି । ବୁଧବାର ସନ୍ଧ୍ୟା ସାନକୋଦଣ୍ଡା ଗ୍ରାମକୁ ବିଦ୍ୟୁତ୍ ସେବା ସ୍ୱାଭାବିକ ହେବ ବୋଲି ଜଣାପଡ଼ିଛି ।



ଅଚଳ ଟ୍ରାନ୍ସଫର୍ମର।

# ୧୨ ଦିନରେ ଫାର୍ମାସିଷ୍ଟଙ୍କ ଆନ୍ଦୋଳନ

**ପାରଳାଖେମୁଣ୍ଡି,୨୨।୬(ଡି.ଏନ୍.ଏ.)**

ଓଡ଼ିଶା ଫାର୍ମାସିଷ୍ଟ ସେବା ରାଜ୍ୟ ସଂଘର ଡାକରା କ୍ରମେ ଗଜପତି ଜିଲାରେ ଗତ ୧୦ରୁ ଫାର୍ମାସିଷ୍ଟମାନେ କଳାବ୍ୟାଜ ପରିଧାନ କରି ଦାୟିତ୍ୱ ତୁଲାଉଥିଲେ। ମଙ୍ଗଳବାର ଫାର୍ମାସିଷ୍ଟମାନଙ୍କ ଏହି ଆନ୍ଦୋଳନ ୧୨ ଦିନରେ ପହଞ୍ଚିଛି। ହେଲେ ସରକାର ଏ ନେଇ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ୨୧ ତାରିଖରୁ ଏମାନେ ଔଷଧ ବଣ୍ଟନ କାର୍ଯ୍ୟ ବ୍ୟତୀତ ଅନ୍ୟ କୌଣସି ଦାୟିତ୍ୱ ତୁଲାଇବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ଗତ ସୋମବାରରୁ ଫାର୍ମାସିଷ୍ଟମାନେ ଔଷଧ ବଣ୍ଟନ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ କରୁ ନ ଥିବା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳର ଅଧିକାଂଶ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାର୍ମାସିଷ୍ଟମାନେ ମେଡିକାଲର ସମ୍ପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି। ତେଣୁ ବିଭିନ୍ନ ଦାବି ପୂରଣ ପାଇଁ ଫାର୍ମାସିଷ୍ଟମାନେ ଆନ୍ଦୋଳନ ଜାରି ରଖିଛନ୍ତି ।

# ମଦ ଦୋକାନ ମ୍ୟାନେଜରଙ୍କୁ ହତ୍ୟା ଧମକ

**ଦିଗପହଣ୍ଡି,୨୨।୬(ଡି.ଏନ.ଏ.)**

ଦିଗପହଣ୍ଡି ପୁଞ୍ଜିକିଆଁ ଛକ ନିକଟରେ ଥିବା ବିଦେଶୀ ମଦ ଦୋକାନ ମ୍ୟାନେଜରଙ୍କୁ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେବା ଅଭିଯୋଗରେ ପୋଲିସ ମଙ୍ଗଳବାର ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୀଳକଣ୍ଠ ନଗରର କେ. ବଳରାମ ପୃଷ୍ଟି ଏବଂ କେ.ନୂଆଗାଁ ଥାନା ବି.ନୂଆପଡ଼ା ଗ୍ରାମର ଜି.ଶ୍ୟାମସୁନ୍ଦର। ମାମଲା ନଂ.୧୫୫/୨୧ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ପୋଲିସ ସୂଚନାନୁସାରେ, ଗତ ରବିବାର ରାତିରେ ଅଭିଯୁକ୍ତ ଦ୍ୱୟ ମଦ ଦୋକାନ ଯାଇ ମ୍ୟାନେଜର କୃଷ୍ଣଚନ୍ଦ୍ର ଚୌଧୁରୀଙ୍କୁ ୨ ମଦ ବୋତଲ ମାଗିଥିଲେ। ଦୋକାନ ବନ୍ଦ ଅଛି ବୋଲି ସେ କହିବା ସହ ଘରକୁ ଯିବା ବେଳେ ତାଙ୍କୁ ଅଭିଯୁକ୍ତ ବନ୍ଧୁକ ଦେଖାଇ ମଦ ଦେବାକୁ ବାଧ୍ୟ କରିଥିଲେ। ସେ ପାଟି କରିବାରୁ ଅନ୍ୟ ମଦ ଦୋକାନ କର୍ମଚାରୀମାନେ ଆସି ଉଭୟଙ୍କୁ ଧରି ପୋଲିସରେ ଦେଇଥିଲେ। ସୋମବାର କୃଷ୍ଣଚନ୍ଦ୍ରଙ୍କ ଏତଲା କ୍ରମେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଶ୍ୟାମସୁନ୍ଦରଙ୍କ ନିକଟରୁ ଚାଇନା ନିର୍ମିତ ଏମ୍-୯ ପେରେଟା ଲାଇଟର ବନ୍ଧୁକ ଜବତ କରାଯାଇଛି।



ଗିରଫ ଦୁଇ ଅଭିଯୁକ୍ତ ଓ ଜବତ ବନ୍ଧୁକ

# ଆଶୀର୍ବାଦ ଯୋଜନାରେ ୨୮୪ ସାମିଲ ହେବେ

## ଗଞ୍ଜାମ ଜିଲା

- ୧୬ ଅନାଥ, ୨୬୮ ପିଲାଙ୍କ ଜଣେ ଅଭିଭାବକ

**ଛତ୍ରପୁର,୨୨।୬(ଡି.ଏନ୍.ଏ.)**

କରୋନାରେ ଉଭୟ ମା, ବାପାଙ୍କ ମୃତ୍ୟୁ ପରେ ପିଲା ଅନାଥ ହୋଇ ଯାଉଛନ୍ତି। କେତେଜଣଙ୍କ ବାପା କିମ୍ବା ମା'ଙ୍କ ମୃତ୍ୟୁ ହୋଇଯାଇଥିବାରୁ ସେମାନେ ଅସହାୟ ହୋଇପଡୁଛନ୍ତି। ଏଭଳି ପିଲାମାନଙ୍କୁ ଥଇଥାନ ଓ ସହାୟତା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି। ପୂର୍ବରୁ ଅନାଥ ଶିଶୁଙ୍କ ପାଇଁ ଗ୍ରୀନ୍ ପାସେଜ୍ ଆରମ୍ଭ ହୋଇଥିବାବେଳେ ଏବେ ଆଶୀର୍ବାଦ ଯୋଜନା ଆରମ୍ଭ ହୋଇଛି। ଗଞ୍ଜାମ ଜିଲାରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ୧୬ ଅନାଥ ଓ ଜଣେ ଅଭିଭାବକ ଥିବା ୨୬୮ ପିଲା ଚିହ୍ନଟ ହୋଇଥିବା ଜିଲାପାଳ କହିଛନ୍ତି। ଏମାନଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ କରାଯିବ । ଜିଲାର ସମସ୍ତ ବିଡିଓ, ତହସିଲଦାର, ମ୍ୟୁନିସିପାଲିଟି ଓ ଏନ୍ଏସି ନିର୍ବାହୀ ଅଧିକାରୀ, ବ୍ରହ୍ମପୁର ମହାନଗର ନିଗମର କମିଶନର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନେଇ ଆଲୋଚନା ହୋଇଛି । ପୁଣି ଥରେ ଆଲୋଚନା କରାଯାଇ ସରକାରଙ୍କ ଆଶୀର୍ବାଦ ଯୋଜନାର ଏହି ପିଲାମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଆଉ କେହି ଅନାଥ କିମ୍ବା ଏକକ ଅଭିଭାବକ ଥିବା ଶିଶୁ ଅଛନ୍ତି କି ନାହିଁ ତାହାର ସର୍ଭେ କରି ରିପୋର୍ଟ ଦେବାକୁ ସିଡିପିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନାଥ ଶିଶୁଙ୍କୁ ଭରଣପୋଷଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ବାବଦକୁ ଆଶୀର୍ବାଦ ଯୋଜନାରେ ମାସିକ ୨୫ ଶହ ଟଙ୍କା ଏବଂ ମୁଖ୍ୟ ଉପାର୍ଜନକାରୀ ବାପା କିମ୍ବା ମା'ଙ୍କୁ ହରାଇଥିଲେ ମାସିକ ୧୫ ଶହ ଟଙ୍କା ମିଳିବ । ଏହାକୁ କାର୍ଯ୍ୟକାରୀ ପାଇଁ ଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି ।

ସୂଚନାଯୋଗ୍ୟ, ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ଗ୍ରୀନ୍ ପାସେଜ୍ ଯୋଜନାରେ ୩ ଜଣ ଅନାଥ ଶିଶୁଙ୍କୁ ସାମିଲ କରି ସେମାନଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ମାସିକ ୫୦୦ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି । ଏଥିସହ ବୃତ୍ତିଗତ ଶିକ୍ଷା ଯଥା ମେଡିକାଲ, ଇଞ୍ଜିନିୟରିଂ ପାଠ ପଢା ଖର୍ଚ୍ଚ ମଧ୍ୟ ସରକାର ବହନ କରିବେ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ କରୋନାରେ ସ୍ୱାମୀଙ୍କୁ ହରାଇଥିବା ୭୮ ଜଣ ଅସହାୟ ମହିଳା ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ବିଧବା ଭତ୍ତା ବାବଦରେ ୫୦୦ ଟଙ୍କା ମିଳିବ । ଆଉ କେତେଜଣଙ୍କ ନିକଟରେ କରୋନା ଜନିତ ମୃତ୍ୟୁ ପ୍ରମାଣପତ୍ର ନ ଥିବାରୁ ପ୍ରଶାସନ ସେମାନଙ୍କୁ ଚିହ୍ନଟ କରିପାରିନି।

